# Akashvani, Sambalpur

## SAMBALPURI NEWS EVENING BULLETIN

## 2 February 2026 - 7.02 pm- 7.12 pm.

*******************************************

୧- ଆଏଜ୍‌ଠାନୁ ୬ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ ରାଷ୍ଟ୍ରପତି ।

- ଆଏବା କାଏଲ୍ ବାଲେଶ୍ୱର୍ ଫକୀର୍ ମୋହନ୍ ବିଶ୍ୱବିଦ୍ୟାଳୟର୍ ସମାବର୍ତ୍ତନ୍ ଉତ୍ସବ୍‌ଥି ଦେବେ ଯୋଗ୍ ।

୨- ମହିଳାମାନ୍‌କୁ ଆର୍ଥିକ୍‌ସ୍ତରଥି ବର୍‌କସ୍ କର୍‌ବାର୍ ଲାଗି ସହଯୋଗ୍ ଯୁଗେଇ ଦେବାର୍‌କେ ପ୍ରସ୍ତୁତ୍ ଅଛନ୍ ସର୍‌କାର୍ - କହେଲେ ମୁଖ୍ୟମନ୍ତ୍ରୀ ।

- ରାୟଗଡ଼ା ନ ଭିନ୍ ଭିନ୍ ପ୍ରକଳ୍ପର୍ କଲେ ଶିଳାନ୍ୟାସ୍ ଆଉ ଲୋକାର୍ପଣ୍ ।

୩- ୨୦୨୬-୨୭ ଆର୍ଥିକ୍ ବଛର୍ ରେଲ୍‌ବଜେଟ୍‌ଥି ଓଡ଼ିଶାକେ ମିଳିଛେ ୧୦ ହଜାର୍ ୯ ଶହ ୨୮ କୋଟି ଟଙ୍କା ।

ଆଉର୍

୪- ରାଜ୍ୟର୍ ସ୍ୱୟଂସହାୟକ ଗୋଷ୍ଠୀମାନ୍‌କୁ ସୁଧ ଟଙ୍କା ଫିରାଲେ ରାଜ୍ୟ ସର୍‌କାର୍ ।

ରାଷ୍ଟ୍ରପତି- ଓଡ଼ିଶା ପୁରୀ/ ଭୁବ୍‌ନେଶ୍ୱର୍/ ମୟୁର୍‌ଭଞ୍ଜ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍‌ଠାନୁ ୬ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍। ଆଉ କିଛି ସମିଆ ଉତ୍‌ରୁ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବେ। ଇତାର୍ ଉତ୍‌ରୁ ରାଷ୍ଟ୍ରପତି ଆଏଜ୍ ଲୋକ୍‌ଭବନ୍ ନ ରାତ୍ରୀଯାପନ୍ କର୍‌ବେ। ରାଷ୍ଟ୍ରପତି ଆଏବା କାଏଲ୍ ଯାଜ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କୁ ଦର୍ଶନ୍ କର୍‌ବାର୍ ସହେତେ ନାଭିଗୟା ନ ପିଣ୍ଡଦାନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ। ତାର୍ ଉତ୍‌ରୁ ବାଲେଶ୍ୱର୍ ଫକୀର୍ ମୋହନ୍ ବିଶ୍ୱବିଦ୍ୟାଳୟର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବାର୍ ସହେତେ ନୂଆଁକରି ତିଆର୍ ହେଇଥିବା ପ୍ରେକ୍ଷାଳୟର୍ ଉଦ୍‌ଘାଟନ୍ କର୍‌ବେ। ବେଲ୍‌ବୁଡ଼େ ରାଷ୍ଟ୍ରପତି ପୁରୀ ଯିବେ ଆଉ ମାହାପୁରୁଙ୍କର୍ ଦର୍ଶନ୍ କର୍‌ବେ। ବୁଧବାର୍ ଦିନ ରାଷ୍ଟ୍ରପତି ମୟୁର୍‌ଭଞ୍ଜ୍ ଜିଲ୍ଲା ରାଇରଙ୍ଗ୍‌ପୁର୍ ନ ଭଞ୍ଜବୀର ସୁନାରାମ୍ ସୋରେନ୍‌ଙ୍କର୍ ପ୍ରତିମୂର୍ତି ଉନ୍ମୋଚନ୍ କର୍‌ବାର୍ ସହେତେ ମହୁଲ୍‌ଡିହା ସର୍‌କାରୀ ବାଳିକା ଉଚ୍ଚମାଧମିକ ବିଦ୍ୟାଳୟର୍ ଛାତ୍ରୀମାନ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ। ଶ୍ରୀମତୀ ମୁର୍ମୁ ସର୍‌କାରୀ ଆୟୁର୍ବେଦିକ୍ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍, ଓୟୁଏଟି କେମ୍ପସ୍, ସହର୍

ସୌନ୍ଦର୍ଯ୍ୟୀକରଣ୍ ଆଉ ଅଲ୍‌ଗା ପ୍ରକଳ୍ପ ମାନ୍‌କର୍ ଲୋକାର୍ପଣ୍ ଆଉ ଶିଲାନ୍ୟାସ୍ କର୍‌ବେ ।

ରାଷ୍ଟ୍ରପତି ଆଏବା ୬ ତାରିଖ୍ ଶୁକ୍ରବାର୍ ଦିନ ଶିମିଲିପାଲ୍ ନ ଆଦିବାସୀ ସମ୍ପ୍ରଦାୟର୍ ମହିଳା ଆଉ ଯୁବକ୍‌ମାନ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବାର୍ ଉତ୍‌ରୁ ଭୁବ୍‌ନେଶ୍ୱର୍ ନ ବ୍ଲେକ୍ ସ୍ୱାନ୍ ସମିଟ୍‌ଥି ଯୋଗ୍ ଦେବେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ସର୍‌କାର୍‌ଙ୍କର୍ ତର୍‌ଫୁ ଭିନ୍ ଭିନ୍ ଜାଗା ନ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ ।

ସୁଭଦ୍ରା ଶକ୍ତିମେଳା ରାୟଗଡ଼ା ସମ୍ବାଦଦାତା

ରାଜ୍ୟ ସର୍‌କାର୍ ମହିଳାମାନ୍‌କୁ ଆର୍ଥିକ୍ ସ୍ତର୍‌ଥି ସଶକ୍ତ କର୍‌ବାର୍ ଲାଗି ସବୁପ୍ରକାର୍ ସହଯୋଗ୍ ଯୁଗେଇ ଦେବାର୍‌କେ ପ୍ରସ୍ତୁତ୍ ଅଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାୟଗଡ଼ା ଜିଲ୍ଲାର୍ ଜେସ୍କୋ ପଡ଼ିଆ ନ ଆଏଜ୍ ସୁଭଦ୍ରା ଶକ୍ତିମେଳାର୍ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ମହିଳାମାନ୍‌କର୍ ଲକ୍ଷପତି ଦିଦି ଆଉ ଉଦ୍ୟୋଗୀ ହେବାର୍ ସପନ୍‌କେ ପୁରା କର୍‌ବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ । ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଜିଲ୍ଲାର୍ ୨୯ ହଜାର୍‌ନୁ ଅଏତ୍‌କା ମହିଳା ଲକ୍ଷପତି ଦିଦି ହେଇପାରିଛନ୍ । ଚଲ୍‌ତି ଆର୍ଥିକ୍

ବଛ୍‌ରେ ଜିଲ୍ଲାର୍ ୩୦ ହଜାର୍‌ନୁ ଅଏତ୍‌କା ମହିଲାଙ୍କୁ ଲକ୍ଷପତି ଦିଦି କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମଝିଘରିଆଣି ମନ୍ଦିର୍‌ର ସୌନ୍ଦର୍ଯ୍ୟୀକରଣ୍ ସହେତେ ୩ ଶହ ୪୦ କୋଟିନୁ ଅଏତ୍‌କା ମୂଲ୍ୟର୍ ୬୭ଟା ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ୨ ଶହ ୨୧ କୋଟିନୁ ଅଏତ୍‌କା ଟଙ୍କାର୍ ୪୧ ଟା ବିକାଶ୍‌ମୂଳକ୍ ପ୍ରକଳ୍ପର୍ ଲୋକାର୍ପଣ୍ କରିଛନ୍ । ଜିଲ୍ଲା ନ ଆଏଜ୍‌ଠାନୁ ଆଏବା ୮ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ସୁଭଦ୍ରା ଶକ୍ତିମେଳାଥି ଶହେ ୨୦ ଟା ଷ୍ଟଲ୍ ଲାଗିଛେ ।

ତାରାତାରିଣୀ ପୀଠ-ମୁଖ୍ୟମନ୍ତ୍ରୀ            ଗଞ୍ଜାମ୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ଗଞ୍ଜାମ୍ ଜିଲ୍ଲା ପୁରୁଷୋତମ୍‌ପୁର୍ ନ ଥିବା ମା ତାରାତାରିଣୀ ପୀଠ ନ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନା ଅଧୀନ୍‌ଥି ସାମୂହିକ ବିବାହ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ପ୍ରମୁଖ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଯୋଜ୍‌ନା ଅଧୀନ୍‌ଥି ବଛା

ହେଇଥିବା ହିତାଧିକାରୀ ଦମ୍ପତିଙ୍କୁ ମୁଖ୍ୟମନ୍ତ୍ରୀ ଚେକ୍ ଆଉ ବିବାହ ପଞ୍ଜିକରଣ୍ ପ୍ରମାଣ୍‌ପତ୍ର ବାଂଟ୍‌ବେ ।

ଉପମୁଖ୍ୟମନ୍ତ୍ରୀ- ବଜେଟ୍       କଟକ୍ ସମ୍ବାଦଦାତା

କେନ୍ଦ୍ରୀୟ ବଜେଟ୍‌ଥି ଓଡ଼ିଶାକେ ଗୁରୁତ୍ୱ ଦିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । କଟକ୍ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଶ୍ରୀ ସିଂହଦେଓ ସମାଜ୍‌ର ସବୁ ବର୍ଗର୍ ଲୁକ୍‌କର୍ ଅଭିବୃଦ୍ଧି ଉପ୍‌ରେ ବଜେଟ୍‌ଥି ଜୋର୍ ଦିଆଯାଇଛେ ବଲି କହିଛନ୍ । ଓଡ଼ିଶା ଲାଗି ଘୋଷ୍‌ନା ହେଇଥିବା ବିରଳ ଖଣିଜ କରିଡ଼ର୍ ଲାଗି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଆମଦାନୀ ହେଇପାର୍‌ବା । ପୂର୍ବ ଭାରତ୍‌ର ବିକାଶ୍ ଲାଗି ବଜେଟ୍‌ଥି ଧ୍ୟାନ୍ ଦିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ରେଲ୍‌ବଜେଟ୍       ପି.ଆଇ.ବି./ଭୁବନେଶ୍ୱର୍ ସମ୍ବାଦଦାତା

୨୦୨୬-୨୭ ଆର୍ଥିକ୍ ବଛର୍ ରେଲ୍‌ବଜେଟ୍‌ଥି ଓଡ଼ିଶା ଲାଗି ଖାସ୍ ଘୋଷ୍‌ନା କରାଯାଇଛେ । ରାଏଜେ ରେଲ୍ ଭିତିଭୂମିର୍ ବିକାଶ୍ ଲାଗି ବଜେଟ୍‌ଥି ୧୦ ହଜାର୍ ୯ ଶହ ୨୮ କୋଟି ଟଙ୍କା

ବ୍ୟୟବରାଦ୍  ହେଇଛେ । ଇହାଦେ ରାଏଜେ ପାଖାପାଖି ୯୦ ହଜାର୍ ୬ ଶହ ୫୯ କୋଟି ଟଙ୍କା ଖର୍ଚ୍ଚାଥି ଭିନ୍ ଭିନ୍ ରେଲ୍‌ପ୍ରକଳ୍ପ କାର୍ଯ୍ୟକାରୀ ହେଉଛେ । ଗଲା ୧୧ ବଛର୍ ଭିତ୍‌ରେ ୨୨ ଶହ କିଲୋମିଟର୍ ରେଲ୍‌ଲାଇନ୍ ସ୍ଥାପିତ୍ ହେବାର୍‌ଟା ରାଏଜର୍ ବିକାଶ୍ ଯାତ୍ରାର୍ ଗୁଟେ ବଡ଼ ସଫଲତା ଆଏ । ଇତାର୍‌ସହେତେ ରାଏଜେ ୬ ଟା ବନ୍ଦେ ଭାରତ୍ ଆଉ ୬ ଟା ଅମୃତ୍ ଭାରତ୍ ଟ୍ରେନ୍‌ର ସଫଲ୍ ଚଲାଚଲ୍ ଯୋଗାଯୋଗ୍ ବ୍ୟବସ୍ଥାକେ ଉନ୍ନତ୍ କର୍‌ବାର୍ ସହେତେ ସାଧାରଣ୍ ଲୁକ୍‌କୁ ବହୁତ୍ ସୁବିଧା ଦେଇଛେ । ଓଡ଼ିଶାକେ ଇ ଅନୁଦାନ୍ ଦେଇଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଉ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଧନ୍ୟବାଦ୍ ଜନେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ୨୦୨୬-୨୭ ବଜେଟ୍‌ଥି ରେଲ୍‌ବାଇ ଲାଗି ୨ ଲାଖ୍ ୯୩ ହଜାର୍ ୩୦ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ।

ସଂସଦ୍ ଆୟକର୍ ବିଲ୍          ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ଆଏବା ହପ୍ତା ସଂସଦ୍ ନ ନୂଆଁ ଆୟକର୍ ବିଲ୍ ଆନ୍‌ବେ । ନୂଆଁ ଆଇନ୍ ସରଲ୍ ଆଉ ଟିକସ୍‌କେ କମ୍‌ବାର୍‌ଥି ସାହାଜ୍ କର୍‌ବା ବଲି ଅର୍ଥମନ୍ତ୍ରୀ ନିର୍ମଳା

ସୀତାରମଣ୍ ତାଙ୍କର୍ ବଜେଟ୍ ଅଭିଭାଷଣ୍ଥି ଗଲାକାଏଲ୍ କହିଛନ୍ । ଟିକସ୍‌ଦାତାମାନ୍‌କର୍ ଲାଗି ନୂଆଁ ଆୟକର୍ ବିଲ୍ ବୁଝ୍‌ବାର୍‌ଟା ସହଜ୍ ହେବା । ନୂଆଁ ଆଇନ୍ ଜରିଏ ବକେୟା ଟିକସ୍ ହିସାବ୍ କର୍‌ବାର୍ ଆଉ ଆୟକର୍ ରିଟର୍ଣ୍ଣ ଫାଇଲ୍ କର୍‌ବାର୍ ସହଜ୍ ହେବାର୍ ସହେତେ ଆୟକର୍ ଆଇନ୍ ୧୯୬୧ ଥି କେତେଟା ସଂଶୋଧନ୍ କରାଯିବା ବଲି ଅର୍ଥମନ୍ତ୍ରୀ ତାଙ୍କର୍ ବଜେଟ୍ ଅଭିଭାଷଣ୍ଥି କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-ମିଶନ୍ ଶକ୍ତି ଆଇ.ଆଣ୍ଡ.ପି.ଆର୍

ରାଜ୍ୟର୍ ମହିଲାମାନ୍‌କର୍ ନେତୃତ୍ୱଥି ଗ୍ରାମୀଣ୍ ଅର୍ଥନୀତିକେ ଆହୁରି ବର୍‌କସ୍ କରିକରି ବିକଶିତ୍ ଓଡ଼ିଶା ଆଉ ଭାରତ୍ ନିର୍ମାଣ୍‌ର ପରିକଳ୍ପନା ସମ୍ଭବ୍ ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ପୋଖରୀପୁଟ୍ ନ ଥିବା ମିଶନ୍ ଶକ୍ତି ଭବନ୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍ଥି ଶ୍ରୀମତୀ ପରିଡ଼ା ୨ ଲାଖ୍ ୮୦ ହଜାର୍ ୫ ଶହ ୮୬ ଟା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଶହେ ୯୭ କୋଟି ୬୬ ଲାଖ୍‌ନୁ ଅଏତ୍‌କା ଟଙ୍କାର୍ ସୁଧ ଫିରେଇଛନ୍ । ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ଇହାଦେତକ୍ ୫ ଶହ ୧୫ କୋଟିନୁ ଅଏତ୍‌କା ଟଙ୍କାର୍ ସୁଧ ଫିରାଯାଇଛେ । ଇ ପଦକ୍ଷେପ୍ ମହିଲାମାନ୍‌କୁ ଉଦ୍ୟୋଗୀ କର୍‌ବାର୍ ସହେତେ ସେମାନ୍‌କର୍ ଆର୍ଥିକ୍ ଥିତିକେ ଆହୁରି ମଜ୍‌ବୁତ୍ କର୍‌ବା ବଲି

ଶ୍ରୀମତୀ ପରିଡ଼ା କହିଛନ୍ । ଆଏବା ଦିନେ ମିଶନ୍ ଶକ୍ତିର୍ ରୂପରେଖ୍ଥି ପରିବର୍ତ୍ତନ୍ କରାଯିବା । ଉତ୍କଲ୍ ଦିବସ୍ ଦିନ ୪୬ ହଜାର୍ ସିଆର୍ପି ଭଉଣୀମାନ୍କୁ ନୂଆଁ ଡ୍ରେସ୍ କୋଡ୍, ପରିଚୟ ପତ୍ର ଆଉ ସ୍ମାର୍ଟଫୋନ୍ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ଘୋଷ୍ନା କରିଛନ୍ ।

(ଭଏସ୍ ଓଭର୍- ଶ୍ରୀମତୀ ପରିଡ଼ା)

କାର୍ଯ୍ୟକ୍ରମ୍ଥି ବିଭାଗୀୟ ନିର୍ଦ୍ଦେଶିକା ଡକ୍ଟର୍ ମୋନୀକା ପ୍ରିୟଦର୍ଶୀନୀଙ୍କର୍ ସହେତେ ସବୁ ଜିଲ୍ଲାନୁ ଆଭାସୀ ଜରିଏ କ୍ଷେତ୍ର ଅଧିକାରୀ, ଗୋଷ୍ଠୀ ସହାୟିକା ଆାଉ ସ୍ୱୟଂସହାୟକ ଗୋଷ୍ଠୀର୍ ମହିଳାମାନେ ଯୋଗ୍ ଦେଇଥିଲେ ।

ରାଜସ୍ୱ ବିଭାଗ୍- ସମୀକ୍ଷା ବୈଠକ୍   ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲାପାଲ୍ଙ୍କର୍ ସର୍ବଶିକ୍ଷା ଅଭିଯାନ୍ ସମ୍ମିଳନୀ କକ୍ଷ ନ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ରାଜସ୍ୱ ବିଭାଗ୍ସ୍ତରୀୟ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ଜମି ଅଧିଗ୍ରହଣ୍, ସାଧାରଣ୍ ଲୁକ୍କର୍ ଅଭିଯୋଗ୍ ସମାଧାନ୍, ସମ୍ବଲ୍ପୁର୍ ରିଂରୋଡ଼ର ନିର୍ମାଣ୍ କାମ୍, ପୂର୍ବତଟ୍ ରେଲ୍ପଥ୍ର ଜର୍ପଡ଼ା ନୁ ସମ୍ବଲ୍ପୁର୍ ସିଟିତକ୍ ୩ ଆଉ ୪ ନମ୍ବର୍ ରେଲ୍ଲାଇନ୍, ସମ୍ବଲ୍ପୁର୍ ସିଟିନୁ ସର୍ଲାତକ୍ ରେଲ୍ ଫ୍ଲାଇଓଭର୍ ବାଗିର୍ ଭିନ୍ ଭିନ୍ ଜରୁରୀ ପ୍ରକଳ୍ପ ମାନ୍କର୍ ଉପ୍ରେ ଆଲୋଚନା କରାଯାଇଛେ । ଇତାର୍ ସହେତେ

ସହେତେ ଓଏଲ୍ଆର୍ ଆଇନ୍ ଅନ୍ସାରେ ମ୍ୟୁଟେସନ୍ ମାମ୍ଲା, ବସୁନ୍ଧରା -୨୦୨୪ ଆଉ ୨୫, କୃଷକ୍ ପଞ୍ଜିକରଣ୍ ବାବ୍ଦେ ଭିଲ୍ ବିସ୍ତୃତ୍ ଆଲୋଚନା କରାଯାଇଥିଲା ।

ଅଭିଯୋଗ୍ ଶୁଣାଣି ଶିବିର ସୁବର୍ଣ୍ଣପୁର୍/ ବୌଦ୍ଧ

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଜନଶୁଣାଣି ଶିବିର ହେଇଯାଇଛେ । ଶିବିର୍ଥି ୭୨ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୧୬ ଟାର୍ ତୁର୍ତି ସମାଧାନ୍ କରାଯାଇଛେ ।

ସୁବର୍ଣ୍ଣପୁର୍ ପଂଚାୟତ୍ ସମିତି ସଭାଗୃହ ନ ମିଲିତ ଅଭିଯୋଗ୍ ଶୁଣାଣି ଶିବିର ହେଇଛେ । ଇଥି ୨୭ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୩ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିଲା ।

ଶିବିର୍ ମାନ୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍ କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମାଘ୍‌ମେଲା ଉଦ୍‌ଯାପିତ୍‌        ସୁବର୍ଣ୍ଣପୁର୍‌ ସମ୍ବାଦଦାତା

ମହିମା ଧର୍ମର୍‌ ମୁଖିଆ ପ୍ରଚାରକ୍‌ ଆଉ ମାନବ୍‌ବାଦୀ କବି ଭୀମଭୋଇଙ୍କର୍‌ ସାଧନା ଆଉ ସମାଧୀପୀଠ ସୁବର୍ଣ୍ଣପୁର୍‌ ଜିଲ୍ଲା ଖଲିଆପାଲି ଗାଁର୍‌ ଶୂନ୍ୟ ମନ୍ଦିର୍‌ ପରିସର୍‌ ନ ଚାଲିଥିବା ମାଘ୍‌ମେଲା ଆଏଜ୍‌ ଉଦ୍‌ଯାପିତ୍‌ ହେଇଯାଇଛେ । ୫ ଦିନ୍‌ ଧରିକରି ଚାଲିଥିବା ମେଲାଥି ରାଜ୍ୟ ଆଉ ରାଜ୍ୟବାହାରୁ ବହୁତ୍‌ଟେ ମହିମାଧର୍ମୀ ସାଧୁସନ୍ଥଙ୍କର୍‌ ସହେତେ ଲକ୍ଷାଧିକ୍‌ ଶ୍ରଦ୍ଧାଳୁଙ୍କର୍‌ ସମାଗମ୍‌ ହେଇଥିଲା ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍‌ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍‌ ସାମାଏନ୍‌ କମିଛେ । ଆଏବା ୩-୪ ଦିନ୍‌ତକ୍‌ ପାଗ୍‌ ଏନ୍ତା ରହେବା ବଲି ଭୁବ୍‌ନେଶ୍ୱର୍‌ ଆଂଚଲିକ୍‌ ପାଣିପାଗ୍‌ ବିଜ୍ଞାନ୍‌ କେନ୍ଦ୍ର ତର୍‌ଫୁ ଅନୁମାନ୍‌ କରାଯାଇଛେ ।